ଆମେ ଅଛୁ ଆପଣଙ୍କ ସାଥିରେ

ପଶ୍ଚିମ ଓଡିଶା ବାର୍ତ୍ତା

The Pashchim Odisha Bartta

# କୃଷକ ତାଲିମ୍ ଶିବିର ଅନୁଷ୍ଠିତ



ବୌଦ୍ଧ, ୧୯/୦୮ ପଶ୍ଚିମ ଓଡ଼ିଶା ବାର୍ତ୍ତା (ରଂଜନ ପାତ୍ର): କଣ୍ଟାମାଳ ବ୍ଲକ୍ ନିଳକଣ୍ଠେଶ୍ୱର କୃଷକ ଉତ୍ପାଦକ କମ୍ପାନୀ କୁମରକେଲିଠାରେ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ପରମାନନ୍ଦ ପ୍ରଧାନଙ୍କ ସଭାପତି ତ୍ୟ ରେ ଅନୁଷ୍ଟିତ ସଭାରେ ମନମୁଣ୍ଡା ସରପଂଚ ସୁଶ୍ରୀ ରଂଜୁ ବେହେରା ମୂଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏଥିରେ ସୋନପୁର ଗ୍ଲୋବାଲ ଗ୍ରିନ ସେକ୍ରେଟାରି ସମ୍ବିତ ନନ୍ଦ ଚାଷର ଉନ୍ନତ ପ୍ରଣାଳିରେ କେମିତି ଚାଷ କରି ଚାଷୀ ଲାଭବାନ ହେବେ ସେ ବିଷୟରେ ବୁଝାଇଥିଲେ । କମ୍ପାନୀର ସିଇଓ ସବ୍ୟସାଚି କର୍ଣ୍ଣ ୩୦ ଜଣ ଚାଷୀଙ୍କୁ ତାଲିମ ଦେଇଥିଲେ । ଚାଷକୁ ଆମେ ବିକ୍ରୟ କରି କେମିତି ଲାଭବାନ ହେବା ଓ ଠିକ୍ ଦରରେ ଆମ କମ୍ପାନୀରୁ ଧାନ ବିହନ, କୀଟନାଶକ ଔଷଧ, ସାର ମିଳିବ ତାହା ଆଲୋଚନା ହୋଇଥିଲା । ସମାଜସେବୀ ମୁକ୍ତେଶ୍ୱର ପ୍ରଧାନ, ବ୍ଲକ କୋଡିନେଟର ଆଶିଷ ବିଶ୍ୱାଳ ଓ ଆଖପାଖର କୃଷକ ବନ୍ଧୁମାନେ ଉପସ୍ଥିତ ରହିଥିଲେ । ଶେଷରେ ଚାଷି ନେତା ଅକୁର ପ୍ରଧାନ ଧନ୍ୟବାଦ ଦେଇଥିଲେ ।